R.N.I. REGN. No. 65000/96 POSTAL REGN. No. OR/BN-32/12-14

ଅଷ୍ଟବିଂଶ ବର୍ଷ
ସଂଖ୍ୟା : ୧୫୮
ତିଥି : ଦ୍ୱିତୀୟା
୧୨ ମାର୍ଚ୍ଚ ୨୦୨୪, ମଙ୍ଗଳବାର
ସମ୍ବଲପୁର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

समय SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXVI, No. 158
12 March 2024, Tuesday
Sambalpur
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur | Jeypore




# ଲାଗୁ ହେଲା ସିଏଏ

ନୂଆଦିଲ୍ଲୀ, ୧୧।୩ : ଲୋକସଭା ନିର୍ବାଚନ ପୂର୍ବରୁ ସମଗ୍ର ଦେଶରେ ନାଗରିକ ସଂଶୋଧନ ଆଇନ୍ (ସିଏଏ) ଲାଗୁ ହେବ । ଏନେଇ କେନ୍ଦ୍ର ସରକାରଙ୍କ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି । ୪ ବର୍ଷ ତଳେ ସିଏଏ ବିଲ୍ ସଂସଦରେ ପାରିତ ହୋଇଥିଲା । ଏବେ ଏହା କାର୍ଯ୍ୟକାରୀ ହେଉଛି । ବିଲ୍ ପାରିତ ସମୟରେ କେତେକ ରାଜ୍ୟରେ ଏହାକୁ ବିରୋଧ କରାଯାଇଥିଲା । ପ୍ରଥମଥର ଲାଗି ଭାରତୀୟ ନାଗରିକତ୍ୱର ପରୀକ୍ଷା କରାଯିବ । ବିଶେଷକରି ସଂଖ୍ୟାଲଘୁ ସମ୍ପ୍ରଦାୟର ବ୍ୟକ୍ତିମାନଙ୍କୁ ନାଗରିକତ୍ୱ ଦେବାପାଇଁ ଏହା କରାଯାଇଛି । ଯେଉଁ ଅଣମୁସ୍‌ଲିମ୍ ଶରଣାର୍ଥୀ ବାଂଲାଦେଶ, ପାକିସ୍ତାନ, ଆଫଗାନୀସ୍ତାନରୁ ୨୦୧୪ ଡିସେମ୍ବର ୩୧ ପୂର୍ବରୁ ଭାରତ ଆସିଛନ୍ତି ସେମାନଙ୍କୁ ନାଗରିକତ୍ୱ ମିଳିବ ।

ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ଏହାର ବିଜ୍ଞପ୍ତି ପ୍ରକାଶ ପାଇଛି । ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ସିଏଏକୁ ଦେଶର ଆଇନ୍ ବୋଲି ବର୍ଣ୍ଣନା କରିଛନ୍ତି । ପୂର୍ବରୁ ସ୍ୱରାଷ୍ଟ୍ରମନ୍ତ୍ରୀ ବିଭିନ୍ନ ସଭାସମିତିରେ ସିଏଏ ଲାଗୁ ହେବ ବୋଲି ଦମ୍ଭୋକ୍ତି ପ୍ରକାଶ କରିଥିଲେ ।

## ମୁସ୍‌ଲିମ୍‌ଙ୍କୁ ଛାଡି ଅନ୍ୟ ସଂଖ୍ୟାଲଘୁ ଶରଣାର୍ଥୀଙ୍କୁ ମିଳିବ ନାଗରିକତ୍ୱ

ମୁଖପାତ୍ରଙ୍କ କହିବାନୁଯାୟୀ ଯୋଗ୍ୟ ବ୍ୟକ୍ତିମାନେ ଅନ୍‌ଲାଇନ୍ ମାଧ୍ୟମରେ ସେମାନଙ୍କ ଦରଖାସ୍ତ କରିବେ । ଅନ୍ୟ କୌଣସି ତଥ୍ୟ ଆବେଦନକାରୀଙ୍କ ଠାରୁ ମଗାଯିବନାହିଁ । ୨୦୧୯ ନିର୍ବାଚନରେ ସିଏଏକୁ ବିଜେପି ପ୍ରମୁଖ ପ୍ରଚାରର ମାଧ୍ୟମ କରିଥିଲା । ଏବେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏହାର ଜୋରଦାର ବିରୋଧ କରୁଛନ୍ତି । ସେ ମଧ୍ୟ ଏ ପ୍ରସଙ୍ଗରେ ଅତ୍ୟନ୍ତ ମୁଖର ହୋଇ ନିଜ ମତ ରଖୁଛନ୍ତି । କେବଳ ମୁସ୍‌ଲିମ୍‌ଙ୍କୁ ଛାଡି ଅନ୍ୟ ସମସ୍ତଙ୍କୁ ଭାରତ ସରକାର ନାଗରିକତ୍ୱ ଦେବେ । (୯ ପୃଷ୍ଠାରେ)

### ଏସ୍‌ବିଆଇକୁ ସୁପ୍ରିମ୍‌କୋର୍ଟ ଝଟ୍‌କା

# ଆଜି ଦେବେ ନିର୍ବାଚନୀ ବଣ୍ଡ ତଥ୍ୟ

ନୂଆଦିଲ୍ଲୀ, ୧୧।୩ : ନିର୍ବାଚନୀ ବଣ୍ଡ ସମ୍ପର୍କରେ ତଥ୍ୟ ଦେବାପାଇଁ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଏସ୍‌ବିଆଇ) ଯେଉଁ ୩ ମାସ ସମୟ ମାଗିଥିଲା ତାହାକୁ ସୁପ୍ରିମ୍‌କୋର୍ଟ ଖାରଜ କରିଛନ୍ତି । ୨୪ ଘଣ୍ଟା ମଧ୍ୟରେ କେଉଁମାନେ ନିର୍ବାଚନୀ ବଣ୍ଡରେ କେଉଁ ଦଳକୁ କେତେ ଚାନ୍ଦା ଦେଇଛନ୍ତି ତାହା ଭାରତୀୟ ନିର୍ବାଚନ କମିଶନଙ୍କୁ ଦେବାପାଇଁ କୁହାଯାଇଛି । ନିର୍ବାଚନ କମିଶନ ଶୁକ୍ରବାର ୫ଟା ସୁଦ୍ଧା ସବିଶେଷ ତଥ୍ୟ ୱେବ୍‌ସାଇଟ୍‌ରେ ଉପଲବ୍ଧ କରାଇବେ । କୋର୍ଟ ମଧ୍ୟ ସତର୍କ କରାଇଦେଇଛନ୍ତି ଯେ ଯଦି ଏଥିରେ ଏସ୍‌ବିଆଇ ଖିଲାପ କରନ୍ତି ତେବେ କୋର୍ଟ ଅବମାନନା ମାମଲା ଚାଲିବ । ଆସନ୍ତାକାଲି ସୁଦ୍ଧା ତଥ୍ୟ ଦେବାକୁ ଏସ୍‌ବିଆଇ ବାଧ୍ୟ ।

ଏସ୍‌ବିଆଇର ଅନୁରୋଧ ଉପରେ ଆଜି ଶୁଣାଣି ଚାଲିଥିଲା । ସୁପ୍ରିମ୍‌କୋର୍ଟ ପକ୍ଷରୁ ପ୍ରଶ୍ନ କରାଯାଇଛି ଯେ ୨୬ ଦିନ ଧରି ବ୍ୟାଙ୍କ କଣ କରୁଥିଲା । ତଥ୍ୟ ନଦେଇ ଅଧିକ ସମୟ ବ୍ୟାଙ୍କ ପକ୍ଷରୁ ମଗାଯାଇଛି । ଜୁନ୍ ୩୦ରେ ତଥ୍ୟ ଦେବ ବୋଲି ଏସ୍‌ବିଆଇ କହିଥିଲା । ଫେବୃଆରୀ ୧୫ରେ ସୁପ୍ରିମ୍‌କୋର୍ଟ ନିର୍ବାଚନ (୯ ପୃଷ୍ଠାରେ)

### ୪୬ ଲକ୍ଷ ଚାଷୀଙ୍କୁ ମିଳିଲା ୯୩୩ କୋଟି କାଳିଆ ସହାୟତା

# ଚାଷୀଭାଇଙ୍କ ସମୃଦ୍ଧି ରାଜ୍ୟର ସମୃଦ୍ଧି : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୧।୩ (ସବ୍ୟୁ) : ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ରାଜ୍ୟର ୪୬ ଲକ୍ଷ କ୍ଷୁଦ୍ର, ନାମମାତ୍ର ଓ ଭୂମିହୀନ ଚାଷୀଙ୍କୁ ୯୩୩.୦୭ କୋଟି ଟଙ୍କାର କାଳିଆ ସହାୟତା-୨୦୨୪ ପ୍ରଦାନ କରିଛନ୍ତି । ଏଥିସହିତ ରାଜ୍ୟର ସମସ୍ତ ଜିଲ୍ଲାରେ ଚାଷୀ ଭାଇଭଉଣୀମାନଙ୍କୁ କୃଷି କାର୍ଯ୍ୟ ନିମନ୍ତେ ବୈଷୟିକ ସହାୟତା ପ୍ରଦାନ କରିବା ପାଇଁ କାଳିଆ କେନ୍ଦ୍ର ମଧ୍ୟ ଉଦ୍ଘାଟନ କରିଛନ୍ତି ।



ଏହି ଅବସରରେ ମୁଖ୍ୟମନ୍ତ୍ରୀ ରାଜ୍ୟର ଚାଷୀ ଭାଇଭଉଣୀ ମାନଙ୍କୁ ଉଦ୍‌ବୋଧନ ଦେଇ କହିଥିଲେ ଯେ ପ୍ରତ୍ୟେକ ଚାଷୀ ପରିବାର ସମ୍ମାନ ସହ ବଞ୍ଚନ୍ତୁ, ସଶକ୍ତ ହୁଅନ୍ତୁ ଏବଂ ଓଡିଶାର ସମୃଦ୍ଧିରେ ଯୋଗଦାନ ରଖନ୍ତୁ ।

ମୁଖ୍ୟମନ୍ତ୍ରୀ ଏହି ଅବସରରେ କାଳିଆ ଯୋଜନାର ସମୟ ଅବଧି ଆଉ ୩ ବର୍ଷ ଅର୍ଥାତ ୨୦୨୬-୨୭ ପର୍ଯ୍ୟନ୍ତ ବୃଦ୍ଧି କରାଗଲା ବୋଲି ଘୋଷଣା କରିଥିଲେ । (୯ ପୃଷ୍ଠାରେ)

